# ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି

ଅଣସଂରକ୍ଷଣ କେସ ନଂ. ୧୫/୨୦୨୩

## ଘୋଷଣା

ଜ୍ଞାପକ ସଂଖ୍ୟା ୨୫୨୧ ତା. ୧୬.୦୮.୨୦୨୩

ଏତଦ୍ୱାରା ମୌଜା **ଧାମନଡଙ୍ଗା,** ଥାନା- କଣ୍ଟାବାଞ୍ଜି ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ନିମ୍ନ ତଫସିଲ ଜମି ଉପରେ **NEW GOVT. ITI COLLEGE, KANTABANJI** ନିର୍ମାଣ ହେବା ନିମନ୍ତେ **Principal Govt. ITI, Kantabanji** ଏକ ଦରଖାସ୍ତ ଏହି କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଏଣୁ ଉକ୍ତ ଜମି ର କିସମ ଗୋଚରରୁ ପତିତକୁ ପରିବର୍ତ୍ତିତ କରାଯାଉଅଛି । ଏଥିରେ କାହାର କିଛି ଆପତ୍ତି ଅଭିଯୋଗ ଥିଲେ ଏହି ଘୋଷଣା ଜାରି ହେବାର ୧୫(ପନ୍ଦର) ଦିନ ମଧ୍ୟରେ ଆବଶ୍ୟକ ମୁତାବକ କୋର୍ଟ ଫିଜ ଲଗାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ଲିଖିତ ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ପ୍ରକାରର ଆପତ୍ତି ଅଭିଯୋଗ କୁ ଗ୍ରହଣ କରାଯିବ ନାହିଁ ।

### ତଫସିଲ ଭୂମି

ମୌଜା: ଧାମନଡଙ୍ଗା    ଥାନା : କଣ୍ଟାବାଞ୍ଜି    ଥାନା ନମ୍ବର: ୨୨

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଚିହ୍ନ | ମାର୍କ ରକବା |
|---|---|---|---|---|---|
| ୧୪୨ (ରକ୍ଷିତ) | ୧୮୨୮ | ଗୋଚର | ଏ ୨୨.୭୬ ଡି | "A" | ଏ ୪.୫୦ ଡି |
| | | | | | ମୋଟ ଏ ୪.୫୦ ଡି |

TAHASILDAR KANATABANJI
ତହସିଲଦାର, କଣ୍ଟାବାଞ୍ଜି

ଜ୍ଞାପକ ସଂଖ୍ୟା ୨୫୨୨ / ତା. ୧୬.୦୮.୨୦୨୩

ଉପରୋକ୍ତ ଘୋଷଣାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ DISTRICT INFORMATION OFFICER, NIC, BALANGIR ଙ୍କୁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ **ଧାମନଡଙ୍ଗା** ଗ୍ରାମର କେନ୍ଦ୍ର ସ୍ଥଳରେ ଲଗାଇବା ପାଇଁ ଓ ଶବ୍ଦବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବା ପାଇଁ ରାଜସ୍ୱ ନିରୀକ୍ଷକ, କଣ୍ଟାବାଞ୍ଜି ଙ୍କୁ ଆଦେଶ ଦିଆଗଲା ଓ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବହୁଳ ପ୍ରଚାର ନିମନ୍ତେ ଦିଆଗଲା ।

ଏହାର ଏକକିତା ନକଲ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟ, **ଧାମନଡଙ୍ଗା** ଙ୍କୁ ବହୁଳ ପ୍ରଚାର ଓ ପ୍ରସାର ପାଇଁ ପ୍ରେରଣ କରାଗଲା ।

TAHASILDAR KANATABANJI
ତହସିଲଦାର, କଣ୍ଟାବାଞ୍ଜି